# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 June - 2024

******************************

## ମୁଖ୍ୟ ସମ୍ବାଦ

- ଲକ୍ଷ୍ୟ ପୂରଣକୁ ସୁନିଶ୍ଚିତ କରିବା ଲାଗି କଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀଙ୍କ ପାଖରେ ପହଁଞ୍ଚାଇବା ପ୍ରୟାସ ଜାରି ରହିଛି କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ୩ ଦିନିଆ ଗସ୍ତରେ ଯାଇ ନୂଆଦିଲ୍ଲୀରେ ପହଁଞ୍ଚିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

– ପ୍ରଧାନମନ୍ତ୍ରୀଙ୍କ ସହ ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ କରିବେ ଆଲୋଚନା

- ରାଜ୍ୟର ଅଣାଅସୀଟି ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ
- ଜ୍ୱର ଲାଘବ ପାଇଁ ଶ୍ରୀଜୀଉଙ୍କୁ ଆଜି ଲାଗି ହେବ ଫୁଲୁରୀ ତେଲ

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୩ ଦିନ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା

# ରାଷ୍ଟ୍ରପତି- ସଂସଦ ଉଦ୍‌ବୋଧନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଚଳିତ ବର୍ଷ ହୋଇଥିବା ଲୋକସଭା ନିର୍ବାଚନରେ ଜାମ୍ମୁ-କାଶ୍ମୀରରେ ରେକର୍ଡ ସଂଖ୍ୟକ ମତଦାନ ଶତ୍ରୁପକ୍ଷକୁ କଡ଼ା ଜବାବ ଦେଇଛି। ସେ କହିଛନ୍ତି, ଗତ ୪ ଦଶନ୍ଧିରେ କାଶ୍ମୀରରେ ବିକ୍ଷୋଭ ପ୍ରଦର୍ଶନ ଓ ଗଣ୍ଡଗୋଳ ମଧ୍ୟରେ ନିର୍ବାଚନ ହେଉଥିଲା, ଯାହାକୁ ଶତ୍ରୁଦେଶ ଆନ୍ତର୍ଜାତିକ ମଞ୍ଚରେ ଉପସ୍ଥାପନ କରୁଥିଲା। କିନ୍ତୁ ଚଳିତ ଥର ଶତ୍ରୁଶକ୍ତିମାନଙ୍କୁ କାଶ୍ମୀରର ଜନସାଧାରଣ ଉଚିତ ଜବାବ ଦେଇଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ୬ ଦଶନ୍ଧି ପରେ ଦେଶରେ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ସମ୍ପନ୍ନ ସ୍ଥିର ସରକାର ଗଠିତ ହୋଇଛି ଏବଂ ଲୋକମାନେ ଏହା ଜାଣନ୍ତି ଯେ, କେବଳ ଏହି ସରକାର ସେମାନଙ୍କ ଆଶାଆକାଂକ୍ଷା ପୂରଣ କରିପାରିବ। ସେ କହିଛନ୍ତି, ସଂସଦର ଆଗାମୀ ଅଧିବେଶନରେ ନୂଆ ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ସେହି ବଜେଟ୍ ଦୀର୍ଘକାଳୀନ ନୀତି ଏବଂ ଭବିଷ୍ୟତର ଲକ୍ଷ୍ୟପୂରଣ ଦିଗରେ ଅତ୍ୟନ୍ତ ପ୍ରଭାବୀ ହେବ ଏବଂ ବିକାଶର ଗତିବୃଦ୍ଧି ପାଇବ ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦେଶର ଅର୍ଥ ବ୍ୟବସ୍ଥା ସମ୍ପର୍କରେ କହିଛନ୍ତି, ଗତ ଦଶ ବର୍ଷରେ ଭାରତ ଏକାଦଶ ସ୍ଥାନରୁ ପଞ୍ଚମ ସ୍ଥାନରେ ପହଁଞ୍ଚିବା ସହ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି। ବିଶ୍ୱର ବିଭିନ୍ନ ସ୍ଥାନରେ ମହାମାରୀ ଏବଂ ହିଂସା ଓ ସଂଘର୍ଷ ମଧ୍ୟରେ ଏହି ସ୍ଥାନ ହାସଲ କରିବାରେ ସଫଳତା ପାଇଛି। ସେ କହିଛନ୍ତି, ଏବେର ସରକାର ଭାରତକୁ ବିଶ୍ୱର ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ପ୍ରୟାସ ଜାରି ରଖିଛନ୍ତି।

ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି ସରକାରଙ୍କ ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନ ବିଷୟରେ କହିଛନ୍ତି। ସେ କହିଛନ୍ତି, ନିବେଶକଙ୍କୁ ଅଧିକ ଆକୃଷ୍ଟ କରିବାକୁ ଏବେ ଦେଶରେ ରିଫର୍ମ, ପରଫର୍ମ ଏବଂ ଟ୍ରାନ୍ସଫର୍ମ ଉପରେ କାମ ଚାଲିଛି।

ରାଷ୍ଟ୍ରପତି କହିଛନ୍ତି, ସରକାର ଲକ୍ଷ୍ୟ ପୂରଣ ସୁନିଶ୍ଚିତ କରିବା ଲାଗି ଯେପରି ସମସ୍ତଙ୍କ ପାଖରେ ଯୋଜନାର ଲାଭ ପହଁଞ୍ଚିପାରିବ ସେଥିପାଇଁ ଚେଷ୍ଟା କରୁଛନ୍ତି। ଗାଁଗୁଡ଼ିକୁ ଯୋଡ଼ିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାରେ ୩ ଦଶମିକ ୮ ଲକ୍ଷ କିଲୋମିଟର ଦୀର୍ଘ ସଡ଼କପଥ ନିର୍ମାଣ କରାଯାଇଛି।  ଦେଶର ପୂର୍ବାଞ୍ଚଳରେ ଶାନ୍ତିସ୍ଥାପନ ଦିଗରେ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ଏବଂ ଗତ ୧୦ ବର୍ଷରେ ଅନେକ ଗୁଡ଼ିକ ସମସ୍ୟାର ସମାଧାନ କରାଯାଇଛି। ନିଟ୍ ମେଡିକାଲ ପ୍ରବେଶିକା ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ନେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି,

ଦୋଷୀଙ୍କୁ ଦଣ୍ଡ ଦେବା ଏବଂ ମାମଲାର ଯାଞ୍ଚ କରିବା ଲାଗି ସରକାର ପ୍ରତିବଦ୍ଧ ଅଟନ୍ତି। ସେ କହିଛନ୍ତି, ପରୀକ୍ଷାରେ ଏଭଳି ଅନିୟମିତତା ରୋକିବା ପାଇଁ ସରକାର ସ୍ୱତନ୍ତ୍ର ଆଇନ ପ୍ରଚଳନ କରିଛନ୍ତି। ସୂଚନାଯୋଗ୍ୟ, ଗତ ସୋମବାର ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ଆଜି ରାଜ୍ୟସଭା ଅଧିବେଶନ ଆରମ୍ଭ ହୋଇଛି।

***HS***

## ମୁଖ୍ୟମନ୍ତ୍ରୀ– ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ ଗସ୍ତରେ ଯାଇ ନୂଆଦିଲ୍ଲୀରେ ପହଁଞ୍ଚିଛନ୍ତି। ଏହି ଗସ୍ତ ସମୟରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅନ୍ୟ କେତେକ ବିଭାଗର ମନ୍ତ୍ରୀମାନଙ୍କ ସହ ସାକ୍ଷାତ କରି ଓଡ଼ିଶା ସମ୍ପର୍କିତ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ନୂଆଦିଲ୍ଲୀରେ ପହଁଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀଙ୍କ ସହିତ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଗସ୍ତ କାଳରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏବଂ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ସାକ୍ଷାତ ଆଲୋଚନା କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

*Desk*

## ଏସ୍‌ସିବି ସମ୍ପ୍ରସାରଣ ନିର୍ମାଣ କାର୍ଯ୍ୟ

କଟକ ଏସ୍‌ସିବି ମେଡିକାଲର ବିଶ୍ୱସ୍ତରୀୟ ଏମ୍ସ ପ୍ଲସ୍ ସମ୍ପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଅନୀଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରୁ ଏହା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ବର୍ଷ ଡିସେମ୍ବର ସୁଦ୍ଧା ଏସ୍‌ସିବିର ୪ଟି ନୂତନ କ୍ଲିନିକାଲ ବ୍ଲକର ନିର୍ମାଣ କାର୍ଯ୍ୟ ଶେଷ ହେବ। ସେହିପରି ଜୁନ୍ ସୁଦ୍ଧା ଆବାସିକ ବ୍ଲକର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ନିର୍ମାଣ କାର୍ଯ୍ୟରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଗୃହ ନିର୍ମାଣ ସାମଗ୍ରୀ ଯୋଗାଣରେ ସମସ୍ୟା, ବିଦ୍ୟୁତ୍ କେବୁଲ ବିଛାଇବା କାର୍ଯ୍ୟ, ଗ୍ରୀଡ୍ ପାୱାର ଷ୍ଟେସନ୍ ନିର୍ମାଣ ଏବଂ ପାର୍କିଂ ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ କରାଯିବା ନେଇ ପଦକ୍ଷେପ ନେବାକୁ ବୈଠକରେ ମତପ୍ରକାଶ ପାଇଛି।

*Desk*

## ଆଡଭାନୀ–ହସ୍‌ପିଟାଲ

ସ୍ୱାସ୍ଥ୍ୟଗତ କାରଣରୁ ବିଜେପିର ବୟୋଜ୍ୟେଷ୍ଠ ନେତା ଲାଲକୃଷ୍ଣ ଆଡଭାନୀଙ୍କୁ ଦିଲ୍ଲୀର ଅଖୀଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ– ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ୱାସ୍ଥ୍ୟବସ୍ଥା ସ୍ଥିର ହେବାରୁ ଆଜି ଶ୍ରୀ ଆଡ଼ଭାନୀଙ୍କୁ ହସ୍‌ପିଟାଲରୁ ଛାଡ଼ି ଦିଆଯାଇଛି। ବୟସାଧିକ କାରଣରୁ ଦେଖାଦେଇଥିବା ସ୍ୱାସ୍ଥ୍ୟ ସମସ୍ୟା ନେଇ ଶ୍ରୀ ଆଡ଼ଭାନୀଙ୍କୁ ଗତକାଲି

ଏମସ୍‌ରେ ଭର୍ତ୍ତି କରାଯାଇଥିଲା। ଏମସ୍‌ର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ୯୬ ବର୍ଷୀୟ ଆଡ଼ଭାନୀଙ୍କ ଚିକିତ୍ସା କରୁଥିଲେ।

***Met.O.***

# ପାଣିପାଗ

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ନୟାଗଡ଼ରେ ୧୧୦ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଜପତି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

***Desk***

# ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ

ରାଜ୍ୟରେ ଥିବା ଅଣାଅସୀଟି ମାଧ୍ୟମିକ ବିଦ୍ୟାଳୟକୁ ଯୁକ୍ତ ଦୁଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନୀତ କରାଯାଇଛି। ଶିକ୍ଷା ମନ୍ତ୍ରଣାଳୟର ପ୍ରକଳ୍ପ ଅନୁମୋଦନ ବୋର୍ଡର ସୁପାରିସ କ୍ରମେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉନ୍ନୀତ ହୋଇଥିବା ଅଣାଅସୀଟି ଉଚ୍ଚମାଧ୍ୟମିକ

ବିଦ୍ୟାଳୟରେ କଳା ବିଭାଗ ଖୋଲିବ। ଚଳିତ ଶିକ୍ଷାବର୍ଷରୁ ଏହା କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, କଳାହାଣ୍ଡିରେ ୧୭ଟି ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇଥିବା ବେଳେ ଗଞ୍ଜାମରେ ୧୪ଟି, ସୁନ୍ଦରଗଡ଼ରେ ୧୦ଟି, ବଲାଙ୍ଗୀରରେ ୮ଟି, ଭଦ୍ରକରେ ୪ଟି, କୋରାପୁଟରେ ୬ଟି, କେନ୍ଦୁଝରରେ ୫ଟି, ଝାରସୁଗୁଡ଼ାରେ ୪ଟି, ସମ୍ବଲପୁରରେ ୩ଟି, ବୌଦ୍ଧ, ମାଲକାନଗିରି ଓ ନବରଙ୍ଗପୁରରେ ୨ଟି ଲେଖାଏଁ ଏବଂ ମୟୂରଭଞ୍ଜ ଓ ନୂଆପଡ଼ାରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ରହିଛି।

*Rayagarh*

## ଖାଦ୍ୟଯୋଗାଣ ସମୀକ୍ଷା

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଦିନିକିଆ ରାୟଗଡ଼ା ଜିଲ୍ଲା ଗସ୍ତ ଅବସରରେ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲ୍ଲାରେ ମାଗଣା ଚାଉଳ ସମେତ ଅନ୍ୟାନ୍ୟ ସୁବିଧା ପାଉଥିବା ଅଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ରାସନ କାର୍ଡ ରଦ୍ଦ କରିବା ଲାଗି ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ଆଗାମୀ ଖରିଫ ଋତୁରେ ଧାନର ସହାୟକ ମୂଲ୍ୟ ବୃଦ୍ଧି ପାଇବ ଏବଂ ଚାଷୀମାନେ ଧାନ ବିକ୍ରି କରିବାର ୪୮ ଘଣ୍ଟା ମଧ୍ୟରେ ବିକ୍ରି ଟଙ୍କା ପାଇବେ। ସେହିପରି ରାୟଗଡ଼ା ଜିଲ୍ଲାରେ ଆଗାମୀ

ଏକ ମାସ ମଧ୍ୟରେ ପ୍ଲାନେଟୋରିୟମ, ବିଜ୍ଞାନ ପାର୍କ ଓ ଫୁଡ୍ ପାର୍କ କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

**- V/O –**

***Puri/R***

## ଫୁଲୁରି ତେଲ ଲାଗି

ପୁରୀ ଶ୍ରୀମନ୍ଦିରରେ ଅଣସର ଘରେ ଥିବା ଶ୍ରୀଜିଉଙ୍କ ଜ୍ୱର ଉପଶମ ଲାଗି ଆଜି ଫୁଲୁରି ତେଲ ଲାଗି କରାଯିବ । ବଡ଼ ଓଡ଼ିଆ ମଠ ପକ୍ଷରୁ ଏହି ତେଲକୁ ପାରମ୍ପରିକ ରୀତିରେ ପ୍ରସ୍ତୁତ କରିବା ଲାଗି ଏକ ବର୍ଷରୁ ଅଧିକ ସମୟ ଲାଗିଥାଏ । ଅଣସରର ପଞ୍ଚମ ଦିନରେ ଏହି ତେଲକୁ ପତି ମହାପାତ୍ର ଓ ଦଇତାପତି ସେବକମାନେ ଶ୍ରୀଜିଉମାନଙ୍କୁ ମର୍ଦ୍ଦନ କରିଥା'ନ୍ତି । ଏହି ଫୁଲୁରି ତେଲ ଲାଗିହେବା ପରେ ମହାପ୍ରଭୁଙ୍କ ଜ୍ୱରଜନିତ ପୀଡ଼ା ଲାଘ ହେବା ସହିତ ସୁସ୍ଥତାର ପ୍ରାକ୍ସୂଚନା ମିଳିଥାଏ ବୋଲି ବିଶ୍ୱାସ କରାଯାଏ ।

***CTC***

## ବାଘ ମୃତ୍ୟୁ

ବାରଙ୍ଗସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଆଜି ଅସୁସ୍ଥ ବାଘୁଣୀ 'ଶାରା'ର ମୃତ୍ୟୁ ଘଟିଛି । ୧୮ ବର୍ଷୀୟ ସାରା ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲା । ଗତ କିଛିଦିନ ହେବ ସେ ଠିକ୍ ଭାବରେ ଖାଦ୍ୟ ଗ୍ରହଣ କରୁନଥିଲା । ପ୍ରାଣୀ ଉଦ୍ୟାନରେ ଚିକିତ୍ସକ ଦଳ ଅସୁସ୍ଥ 'ଶାରା'ର ଚିକିତ୍ସା କରୁଥିଲେ । ୨୦୦୬ ମସିହାରେ ମଧ୍ୟପ୍ରଦେଶର ବାନ୍ଧବଗଡ଼ରୁ ଶାରାକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଅଣାଯାଇଥିଲା । ଶାରାର ମୃତ୍ୟୁପରେ ନନ୍ଦନକାନନରେ ବାଘ ସଂଖ୍ୟା ୨୬କୁ ହ୍ରାସ ପାଇଛି ।

***Desk***

## ଯୁକ୍ତ ୩ ନାମଲେଖା

ରାଜ୍ୟରେ ଥିବା ଯୁକ୍ତ ୩ କଳା, ବିଜ୍ଞାନ, ବାଣିଜ୍ୟ, ଶାସ୍ତ୍ରୀ, ସେଲଫ୍ ଫାଇନାନ୍ସିଂ ଓ ଆଇନ ଶ୍ରେଣୀରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟ ପାଇଁ ମୋଟ୍ ୧ ଲକ୍ଷ ୭୮ ହଜାର ୯୭୬ ଜଣ ଛାତ୍ରଛାତ୍ରୀ ନାମ ଲେଖାଇବା ପାଇଁ ମନୋନୀତ ହୋଇଛନ୍ତି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଯୁକ୍ତ ୩ କଳାରେ ୧ ଲକ୍ଷ ୯ ହଜାର ୮୫୪ ଜଣ ଛାତ୍ରଛାତ୍ରୀ ନାମ ଲେଖାଇବା ପାଇଁ ଚୟନ ହୋଇଥିବା ବେଳେ ବିଜ୍ଞାନରେ ୪୫ ହଜାର ୬୧୪, ବାଣିଜ୍ୟରେ ୧୭ ହଜାର ୧୫୬, ଶାସ୍ତ୍ରୀରେ ୩ ହଜାର ୫୭୪, ସେଲ୍ଫ ଫାଇନାନ୍ସିଂରେ ୨ ହଜାର ୬୨୬ ଏବଂ ଆଇନ ପାଠ୍ୟକ୍ରମରେ ୧୫୨ ଜଣ ନାମ ଲେଖାଇବାକୁ ଚୟନ ହୋଇଛନ୍ତି । ଆଜି ଅପରାହ୍ନ ସୁଦ୍ଧା ଯୁକ୍ତ ୩ କଳାରେ ୫ ହଜାର ୧୪୬ ଜଣ ନାମ ଲେଖାଇଥିବା ବେଳେ ବିଜ୍ଞାନରେ ୧ ହଜାର ୬୧

ଜଣ, ବାଣିଜ୍ୟରେ ୯୨୬ ଜଣ,  ସେଲଫ୍ ଫାଇନାନ୍ସିଂରେ ୭୬ ଜଣ, ଶାସ୍ତ୍ରୀରେ ୨୬୧ ଜଣ ନାମ ଲେଖାଇଛନ୍ତି। ଏହି ପ୍ରଥମ ପର୍ଯ୍ୟାୟ ନାମଲେଖା ଚଳିତ ମାସ ୨୯ ତାରିଖ ସନ୍ଧ୍ୟା ୫ଟା ଯାଏଁ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା ଜୁଲାଇ ୫ ତାରିଖରେ ପ୍ରକାଶ ପାଇବ।

*********************************